# ଆଇନା ସହାୟତାରେ ଭିନ୍ନକ୍ଷମଙ୍କ ଜୀବନ ଜୀବିକା କର୍ମଶାଳା

କାମାକ୍ଷାନଗର, (ନି.ପ୍ର.): ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ବ୍ଲକ୍ ଅନ୍ତର୍ଗତ ୭ଟି ପଞ୍ଚାୟତରୁ ୨୫ ଜଣ ଭିନ୍ନକ୍ଷମ ଯୁବକ ଯୁବତୀଙ୍କୁ ଚିହ୍ନଟ କରାଯାଇ ଗ୍ରାମ୍ୟସ୍ତରରେ କିପରି ନିଜେ ଯୋଜନା ପ୍ରସ୍ତୁତ କରି ବିଭିନ୍ନ ପ୍ରକାର ଜୀବିକା ଅର୍ଜନ କରିବେ ତାହା ଉପରେ ତାଲିମ ଦିଆଯାଇଥିଲା। ପୁନେରୁ ଆସିଥିବା ସ୍ୱତନ୍ତ୍ର ତାଲିମଦାତା ସମୀର ଘୋଷ ଏହି ତାଲିମ ପ୍ରଦାନ କରିଥିଲେ ଏବଂ ଆଇନାର ବରିଷ୍ଠ ସଭ୍ୟ ପ୍ରଦ୍ୟୁମ୍ନ ରଥ ସହଯୋଗ କରିଥିଲେ। କାର୍ଯ୍ୟକ୍ରମଟିକୁ ଆଇନାର ସଂପାଦିକା ସ୍ନେହ ମିଶ୍ର ପରିଚାଳନା କରିଥିଲେ। ସମ୍ପୂର୍ଣ୍ଣ ୩ ଦିନିଆ କର୍ମଶାଳାରେ ମୁଖ୍ୟତଃ ଜୀବନ ଓ ଜୀବିକା ଉପରେ ଆଲୋକପାତ କରାଯାଇଥିଲା। ଗ୍ରାମାଞ୍ଚଳର ମୁଖ୍ୟ ସମସ୍ୟାଗୁଡ଼ିକୁ ଚିହ୍ନଟକରି ସେଗୁଡ଼ିକୁ ଆଲୋଚନା ମାଧ୍ୟମରେ ବର୍ଣ୍ଣନା କରାଯାଇଥିଲା। ଜୀବନ ଜୀବିକା ଉପରେ ପ୍ରଭାବ ପକାଉଥିବା ଗ୍ରାମାଞ୍ଚଳର ବିଭିନ୍ନ ରୋଗଗୁଡ଼ିକ ସ୍ୱାସ୍ଥ୍ୟ ସାରଣୀ ଦ୍ୱାରା ଚିହ୍ନଟ କରାଯାଇଥିଲା। ଏହା ପରେ ଗ୍ରାମର ସମ୍ବଳ ମାନଚିତ୍ର କରି ଗ୍ରାମ୍ୟ ସମ୍ବଳ ଯଥା ଘର, ବାଡ଼ି, ବିଦ୍ୟାଳୟ ମନ୍ଦିର, କୃଷିକ୍ଷେତ୍ର, ଥାନା, ପୋଷ୍ଟ ଅଫିସ୍ ଇତ୍ୟାଦିକୁ ଚିହ୍ନଟ କରାଯାଇଥିଲା। ଏହା ପରେ ଗ୍ରାମ ସହ ବିଭିନ୍ନ ସେବାରେ ସମ୍ପୃକ୍ତ ଥିବା ସରକାରୀ ଲୋକମାନଙ୍କର ଆମ ସହିତ ସମ୍ପର୍କ ବିଷୟରେ ଆଲୋଚନା କରାଯାଇଥିଲା। ତୃତୀୟ ଦିନ ଦୁଇଟି ଦଳରେ ବିଭକ୍ତ ହୋଇ ଶିଆରି ମାଳିଆ ଓ ରଙ୍ଗମାଟିଆ ଯାଇ ସେଠାରେ ଗ୍ରାମବାସୀମାନଙ୍କ ସହିତ ମିଶି ସ୍ୱାସ୍ଥ୍ୟ ସାରଣ ଓ ଗ୍ରାମ ସହିତ ସମ୍ପୃକ୍ତ ଥିବା ବିଭିନ୍ନ ସରକାରୀ କର୍ମଚାରୀମାନଙ୍କ ସମ୍ପର୍କକୁ ଭେନ୍‌ଚାଟ୍ ଦ୍ୱାରା ଦର୍ଶାଯାଇଥିଲା।

ମୁଖ୍ୟତଃ ଭିନ୍ନକ୍ଷମମାନଙ୍କ ବଞ୍ଚିବାର ବିଭିନ୍ନ ଶୈଳୀଗୁଡ଼ିକୁ ପ୍ରାଞ୍ଜଳଭାବେ ଉପସ୍ଥାପନ କରାଯାଇଥିଲା। ଆଇନାର ସମସ୍ତ କର୍ମୀମାନେ ଏଥିରେ ଭାଗ ନେଇଥିଲେ। ପ୍ରକଳ୍ପ ସଂଯୋଜକ ସନ୍ତୋଷ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

ସମାଜ
ତାରିଖ - ୧୬.୦୪.୨୦୧୧.